1952

ଡିସେମ୍ବର 10

# ମାଖନ ସିଂହ ତାରସିକ୍କା

# ବନାମ

# ପଞ୍ଜାବ ରାଜ୍ୟ

[ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ, ମେହେର ଚାନ୍ଦ ମହାଜନ, ମୁଖର୍ଜୀଆ, ଦାସ ଏବଂ ଚନ୍ଦ୍ରଶେଖର ଆୟର, ନ୍ୟାୟମୂର୍ତ୍ତିବୃନ୍ଦ]

*ଅଟକ ନିବାରଣ ଅଧିନିୟମ (1951ର ସଂଶୋଧନ ଅନୁସାରେ 1950 ର IV), ଉପଧାରାଗୁଡ଼ିକ 3 (i), 9, 11, 12 - ଉପଦେଷ୍ଟା ମଣ୍ଡଳୀକୁ ବିଚାରର୍ଥେ ପ୍ରେରଣ ଆଗରୁ ପ୍ରାରମ୍ଭିକ ଆଦେଶରେ ହିଁ ଅଟକର ଅବଧି ନିର୍ଦ୍ଧାରଣ ନିମନ୍ତେ ଅଟକାଦେଶ - ବୈଧତା - ବ୍ୟକ୍ତିଗତ ସ୍ଵାଧୀନତାରୁ ବଞ୍ଚିତ କରିବା - ପ୍ରକ୍ରିୟାକୁ କଡ଼ାକଡ଼ି ଅନୁସରଣ କରିବାର କର୍ତ୍ତବ୍ୟ*

1951ରେ ସଂଶୋଧନ ହେବା ପୂର୍ବରୁ, 1950ର ଅଟକ ନିବାରଣ ଅଧିନିୟମ ଅନୁସାରେ ଯେଉଁ ସ୍ଥିତି ରହିଥାଉ ନା କାହିଁକି, 1951 ରେ ସଂଶୋଧିତ ହୋଇଥିବା ଅଧିନିୟମ ଅନୁସାରେ, କେବଳ ସେହି ଉପଦେଷ୍ଟା ମଣ୍ଡଳୀ ଯାହାଙ୍କ ନିକଟକୁ ମାମଲା ପଠାଯାଇଥାଏ, ଅଟକ ରଖିବା ଯଥାର୍ଥ ଅଟେ ବୋଲି ରିପୋର୍ଟ କରିବା ପରେ ସରକାର ଅଟକ ରଖିବାର ଅବଧି ସ୍ଥିର କରିବା ଉଚିତ୍ । ପ୍ରାରମ୍ଭିକ ଆଦେଶରେ ହିଁ ଅଟକ ରଖିବାର ଅବଧି ନିର୍ଦ୍ଧାରଣ କରିବା ଅଧିନିୟମର ଯୋଜନା ବିରୋଧୀ ଏବଂ ଏହାକୁ ସମର୍ଥନ କରାଯାଇପାରିବ ନାହିଁ । ଏହାକୁ କେବଳ ଉଦବୃତ୍ତ ଭାବେ ବିବେଚନା କରାଯାଇପାରିବ ନାହିଁ କାରଣ ଏହା ଉପଦେଷ୍ଟା ମଣ୍ଡଳୀ ଦ୍ୱାରା ଅଟକବନ୍ଦୀଙ୍କ ମାମଲାର ନ୍ୟାୟପୂର୍ଣ୍ଣ ବିଚାରକୁ ପକ୍ଷପାତ କରିବ, ଯଦିଓ ଉପଦେଷ୍ଟା ମଣ୍ଡଳୀ ରିପୋର୍ଟ କରେ ଯେ ଅଟକ ରଖିବାର କୌଣସି ଯଥେଷ୍ଟ କାରଣ ନାହିଁ, ତେବେ ତାଙ୍କୁ  ତୁରନ୍ତ ମୁକ୍ତ କରିବାକୁ ପଡ଼ିବ ।

କୌଣସି ବ୍ୟକ୍ତିଙ୍କୁ ତାଙ୍କ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରିବା ପୂର୍ବରୁ ଆଇନ ଦ୍ୱାରା ସ୍ଥାପିତ ପ୍ରକ୍ରିୟାକୁ କଡ଼ାକଡ଼ି ଅନୁପାଳନ କରିବା ଉଚିତ୍ ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ଅସୁବିଧାଜନିତ ଧ୍ୟାନରୁ  ବିଚ୍ୟୁତ୍ ହେବା ଅନୁଚିତ୍ ।

ମୂଳ ଅଧିକାରିତା । ଆବେଦନ ସଂଖ୍ୟା 308/1951 । ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଆକାରରେ ସମ୍ବିଧାନର ଅନୁଚ୍ଛେଦ 32 ଅଧୀନରେ କରାଯାଇଥିବା ଏକ ଆବେଦନ ଯେଉଁଥିରେ ଆବେଦନକାରୀଙ୍କୁ ଅଟକରୁ ମୁକ୍ତି କରିବା ପାଇଁ ପ୍ରାର୍ଥନା କରାଯାଇଛି ।

ଆବେଦନକାରୀଙ୍କ ପକ୍ଷରୁ *ଏଚ୍. ଜେ. ଉମ୍ରିଗର୍* (*ନ୍ୟାୟ ମିତ୍ର*) ।

ଉତ୍ତରଦାତାଙ୍କ ପକ୍ଷରୁ *ପଞ୍ଜାବର ଆଡଭୋକେଟ୍-ଜେନେରାଲ୍ ଏସ୍. ଏମ୍. ସିକ୍ରି,* (ତାଙ୍କ ସହିତ *ଜିନ୍ଦ୍ରାଲାଲ୍*) ।

1951 ଡିସେମ୍ବର 10 । ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀଙ୍କ ଦ୍ୱାରା - ସମ୍ବିଧାନର ଅନୁଚ୍ଛେଦ 32 ଅଧୀନରେ ଏହା ଏକ ଆବେଦନ ଅଟେ ଯେଉଁଥିରେ ଆବେଦନକାରୀଙ୍କୁ ଆରୋପିତ ବେଆଇନ ଅଟକରୁ ମୁକ୍ତ କରିବା ପାଇଁ ପ୍ରାର୍ଥନା କରାଯାଇଛି । ଆମେ ଆବେଦନକୁ ଗ୍ରହଣ କରିଥିଲୁ ଏବଂ ଶୁଣାଣିର ଶେଷରେ ଆବେଦନକାରୀଙ୍କୁ ମୁକ୍ତ କରିବାକୁ ଆଦେଶ ଦେଇଥିଲୁ । ଆମେ ବର୍ତ୍ତମାନ ଆମର ଆଦେଶର କାରଣ ଦର୍ଶାଇବା ଲାଗି ଆଗଉଛୁ ।

ଅମୃତସର ଜିଲ୍ଲା ଦଣ୍ଡାଧିକାରୀଙ୍କ 1 ମାର୍ଚ୍ଚ, 1950 ତାରିଖର ଏକ ଆଦେଶ ଅନୁଯାୟୀ ଅଟକ ନିବାରଣ ଅଧିନିୟମ, 1950ର (ଏହାପରେ "ଅଧିନିୟମ" ଭାବରେ ସୂଚିତ) ଧାରା 3 (1) ଅଧୀନରେ ଆବେଦନକାରୀଙ୍କୁ ଗିରଫ କରାଯାଇଥିଲା ଏବଂ ତାଙ୍କୁ ଅଟକ ରଖାଯାଇଥିଲା ଏବଂ ଅଧିନିୟମର ଧାରା 7ର ଆବଶ୍ୟକ ଅନୁଯାୟୀ 15 ମାର୍ଚ୍ଚ, 1950ରେ ଆବେଦନକାରୀଙ୍କୁ ଅଟକ ରଖିବାର କାରଣ ବିଷୟରେ ଅବଗତ କରାଯାଇଥିଲା । ଆବେଦନକାରୀ ବିଭିନ୍ନ ଆଧାରରେ ଏହି ଆଦେଶର ବୈଧତାକୁ ଆପତ୍ତି କରିଥିଲେ, କିନ୍ତୁ, ଉତ୍ତରଦାତାଙ୍କୁ ଏହି ଅଦାଲତ ସର୍ତ୍ତାଧୀନ ଆଦେଶ ଜାରି କରିବାପରେ ଆବେଦନଟି ବିଚାରାଧୀନ ଥିବାବେଳେ, ଆବେଦନକାରୀଙ୍କୁ ଅଗଷ୍ଟ 6 ତାରିଖରେ ଜୁଲାଇ 30, 1951 ତାରିଖର ଅନ୍ୟ ଏକ ଅଟକ ଆଦେଶ ଜାରି କରାଯାଇଥିଲା, ଯାହା ଅଟକ ନିବାରଣ (ସଂଶୋଧନ) ଅଧିନିୟମ ଦ୍ୱାରା ସଂଶୋଧିତ ହୋଇଥିବା ପରି ଅଧିନିୟମର ଧାରା 4 ଏବଂ ଧାରା 3 ର ଉପଧାରା (1) ଅନୁଯାୟୀ ପଞ୍ଜାବର ରାଜ୍ୟପାଳଙ୍କ ଦ୍ୱାରା କରାଯାଇଥିବାର ଭାବାର୍ଥ ପ୍ରଦାନ କରୁଥିଲା ଏବଂ 16 ଅଗଷ୍ଟ, 1951ରେ ତାଙ୍କୁ ନୂତନ ଆଧାରରେ ଅଟକ ରଖାଯାଇଥିଲା । ଏହା ପରେ ଆବେଦନକାରୀ ଉକ୍ତ ଆଦେଶର ବୈଧତାକୁ ଆକ୍ଷେପ କରି ଅନ୍ୟାନ୍ୟ ବିଷୟ ମଧ୍ୟରେ ଏକ ଅନୁପୂରକ ଆବେଦନ ଦାଖଲ କରିଥିଲେ, ଯେଉଁଥିରେ ସେ କହିଥିଲେ ଯେ ଏହି ଆଦେଶରେ ଆବେଦନକାରୀଙ୍କୁ 1952 ମସିହା ମାର୍ଚ୍ଚ 31 ତାରିଖ ପର୍ଯ୍ୟନ୍ତ ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁ ଦିନ ଏହି ଅଧିନିୟମର ବ୍ୟବସ୍ଥାଗୁଡିକର ସମୟସୀମା ସମାପ୍ତ ହେବାର ଥିଲା ଏବଂ ଏହା ସଂଶୋଧିତ ଆଇନର ବ୍ୟବସ୍ଥା ବିରୁଦ୍ଧରେ ଥିଲା । ଉତ୍ତରଦାତାଙ୍କ ତରଫରୁ ପଞ୍ଜାବର ଆଡଭୋକେଟ୍-ଜେନେରାଲ୍ ଅନୁରୋଧ କରିଥିଲେ ଯେ ଉକ୍ତ ଆଦେଶକୁ ଅଟକ ରଖିବାର ନୂଆ ଆଦେଶ ଭାବରେ ଗ୍ରହଣ କରିବାର

ଉଦ୍ଦେଶ୍ୟ ନଥିଲା ବରଂ ଏହା କେବଳ ଅଟକ ରଖିବାର ଅବଧିକୁ 31 ମାର୍ଚ୍ଚ, 1952 ପର୍ଯ୍ୟନ୍ତ ସୀମିତ କରିବା ଉଦ୍ଦେଶ୍ୟରେ ପାରିତ କରାଯାଇଥିଲା, କାରଣ କେତେକ ମାମଲାରେ ଏହା କୁହାଯାଇଥିଲା ଯେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ ରଖିବା ଆଦେଶଟି ତ୍ରୁଟିଯୁକ୍ତ ଥିଲା । ଏହି ଆଦେଶ ନିମ୍ନରେ ଦିଆଗଲା:-

ଯେହେତୁ ଅମୃତସର ଜିଲ୍ଲାର ଜଣ୍ଡିୟାଲା ଥାନା ଅନ୍ତର୍ଗତ ତାରସିକ୍କାର ଜଟ୍, ଗୁଜ୍ଜର ସିଂହଙ୍କ ପୁତ୍ର ମାଖନ ସିଂହ ତାରସିକ୍କା ନାମକ ବ୍ୟକ୍ତିଙ୍କ ସମ୍ବନ୍ଧରେ ପଞ୍ଜାବର ରାଜ୍ୟପାଳ ସନ୍ତୁଷ୍ଟ ଅଛନ୍ତି, ଯେ ରାଜ୍ୟ ସୁରକ୍ଷା ପ୍ରତି ପ୍ରତିକୂଳାତ୍ମକ ଭାବରେ କାର୍ଯ୍ୟ କରିବାରୁ ତାଙ୍କୁ ରୋକିବା ପାଇଁ ନିମ୍ନଲିଖିତ ଆଦେଶ ଦେବା ଆବଶ୍ୟକ :

ଏଣୁ, ବର୍ତ୍ତମାନ, ଅଟକ ନିବାରଣ (ସଂଶୋଧନ) ଅଧିନିୟମ, 1951 (1951ର ଧାରା IV) ଦ୍ୱାରା ସଂଶୋଧିତ ଅଟକ ନିବାରଣ ଅଧିନିୟମ, 1950(1950 ର ଧାରା IV)ର ଧାରା 3 ର ଉପ-ଧାରା (1) ଏବଂ ଧାରା 4 ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି, ପଞ୍ଜାବର ରାଜ୍ୟପାଳ ଏତତ୍ ଦ୍ୱାରା ନିର୍ଦ୍ଦେଶ ଦେଇଛନ୍ତି ଯେ ଉକ୍ତ ମାଖନ ସିଂହ ତାରସିକ୍କାଙ୍କୁ ପଞ୍ଜାବର ଜେଲ ମହାନିରୀକ୍ଷକଙ୍କ ହେପାଜତରେ ରଖାଯିବ ଏବଂ ସାଧାରଣ ଆଦେଶ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା କିମ୍ବା ପଞ୍ଜାବ ସାମ୍ୟବାଦ ଅଟକବନ୍ଦୀ ନିୟମାବଳୀ, 1950ରେ ଥିବା ରକ୍ଷଣାବେକ୍ଷଣ, ଶୃଙ୍ଖଳା ଏବଂ ଶୃଙ୍ଖଳାର ଉଲ୍ଲଂଘନ ପାଇଁ ଦଣ୍ଡର ସର୍ତ୍ତାବଳୀ ଅନୁଯାୟୀ ରାଜ୍ୟର ଯେକୌଣସି ଜେଲରେ 31 ମାର୍ଚ୍ଚ, 1952 ପର୍ଯ୍ୟନ୍ତ ଅଟକ ରଖାଯିବ ।

ଏହା ଦେଖାଯିବ ଯେ, ଏହି ଆଦେଶର ସର୍ତ୍ତାବଳୀ ସ୍ପଷ୍ଟ ରୂପେ ଆବେଦନକାରୀଙ୍କୁ ଅଟକ ରଖିବା ପାଇଁ ଏକ ନୂତନ ଆଦେଶ ଭାବରେ କାର୍ଯ୍ୟ କରିବାକୁ ଉଦ୍ଦିଷ୍ଟ ଥିଲା ଏବଂ ଉକ୍ତ ମତକୁ ଏହି ତଥ୍ୟ ଦ୍ୱାରା ଦୃଢ଼ୀଭୂତ କରାଯାଇଛି ଯେ, ଏହି ଆଦେଶ ପରେ ଆବେଦନକାରୀଙ୍କୁ ଅଧିନିୟମର ଧାରା 7 ଅନୁଯାୟୀ ନୂତନ ଆଧାର ସବୁ ପରିବେଷଣ କରାଯାଇଥିଲା; ଯଦି କୌଣସି ନୂତନ ଅଟକ ଆଦେଶର ଉଦ୍ଦେଶ୍ୟ ନଥାନ୍ତା ତେବେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଅନାବଶ୍ୟକ ହୋଇଥାନ୍ତା । ବାସ୍ତବରେ, ଆବେଦନକାରୀଙ୍କ ପକ୍ଷରୁ ଏହା ପରାମର୍ଶ ଦିଆଯାଇଥିଲା ଯେ, ଉକ୍ତ ଆଦେଶ ପରେ ଏହି ଆଦେଶର ଶୁଣାଣି ପାଇଁ ନିର୍ଦ୍ଧାରିତ ତାରିଖର ମାତ୍ର ଚାରି ଦିନ ପୂର୍ବରୁ ନୂତନ କାରଣ ଦର୍ଶାଇବାର ଆଦେଶଟି ପ୍ରତିପକ୍ଷଙ୍କ ଦ୍ୱାରା ଏକ ଉଦ୍ଦେଶ୍ୟମୂଳକ ପଦକ୍ଷେପ ଥିଲା ଯାହା ଆବେଦନକାରୀଙ୍କ ଦ୍ୱାରା 1 ମାର୍ଚ୍ଚ, 1950ର ପୂର୍ବ ଆଦେଶର ବୈଧତାକୁ ନେଇ ଉଠାଯାଇଥିବା ଆପତ୍ତିକୁ ଏଡ଼ାଇବା ଏବଂ ଏହିପରି ଭାବେ କାର୍ଯ୍ୟାନୁଷ୍ଠାନକୁ ନିଷ୍ଫଳ କରିବା ନିମନ୍ତେ ଥିଲା ।

ଯାହା ହେଉନା କାହିଁକି, ଆମର ସ୍ୱଷ୍ଟ ମତ ହେଉଛି ଯେ, ପୂର୍ବ ଆଦେଶର ଅଧିକ୍ରମଣ କରାଯାଇ, 30 ଜୁଲାଇ, 1951ର ଆଦେଶ ଯାହା ଆବେଦନକାରୀଙ୍କୁ ଅଟକ ରଖିବା ନିମନ୍ତେ ଥିଲା, ତାକୁ ଏକ ନୂତନ ଆଦେଶ ଭାବରେ ବିବେଚନା କରାଯିବା ଉଚିତ୍ ଏବଂ ପ୍ରଶ୍ନ ଏହା ହେଉଛି ଯେ କଣ ଏହା ବେଆଇନ ଥିଲା କାରଣ ଏହା ସିଧାସଳଖ ନିର୍ଦ୍ଦେଶ ଦେଇଥିଲା ଯେ ଆବେଦନକାରୀଙ୍କୁ 31 ମାର୍ଚ୍ଚ, 1952 ପର୍ଯ୍ୟନ୍ତ ଅଟକ ରଖାଯିବ, ଯାହା ଅଧିନିୟମ ସମାପ୍ତି ତାରିଖ ଥିଲା ।

ଫେବୃଆରୀ, 1951ରେ ସଂଶୋଧନ ହେବା ପୂର୍ବରୁ ଏହି ଅଧିନିୟମ ଅନୁଯାୟୀ ସ୍ଥିତି ଯାହା ହେଉନା କାହିଁକି, ଏହା ସ୍ୱଷ୍ଟ ଯେ ସଂଶୋଧନ ହୋଇଥିବା ଅଧିନିୟମ ଅନୁସାରେ ଅଟକ ରଖିବାର ପ୍ରତ୍ୟେକ ମାମଲା ଅଧିନିୟମ (ଧାରା 9) ଅନୁଯାୟୀ ଗଠିତ ଏକ ଉପଦେଷ୍ଟା ମଣ୍ଡଳୀ ସମ୍ମୁଖରେ ରଖାଯିବା ଆବଶ୍ୟକ ଏବଂ ଯଦି ମଣ୍ଡଳୀ ରିପୋର୍ଟ କରେ ଯେ ଅଟକ ରଖିବା ପାଇଁ ପର୍ଯ୍ୟାପ୍ତ କାରଣ ଅଛି, ତେବେ "ଉପଯୁକ୍ତ ସରକାର ଅଟକ ରଖିବା ଆଦେଶକୁ କାଏମ ରଖିପାରିବେ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେତିକି ସମୟ ପାଇଁ ଅଟକ ରଖିପାରିବେ ଯାହା ସେ ଆବଶ୍ୟକ ମନେ କରନ୍ତି" (ଧାରା 11) । ତେଣୁ ଏହା ସ୍ୱଷ୍ଟ ଯେ, ଉପଦେଷ୍ଟା ମଣ୍ଡଳୀ, ଯାହାଙ୍କୁ ଏହି ମାମଲା ବିଚାରର୍ଥେ ପଠାଯାଇଛି, ଗିରଫଦାରୀ ଯଥାର୍ଥ ବୋଲି ରିପୋର୍ଟ ଦେବା ପରେ ହିଁ ସରକାର ଅଟକ ରଖିବା ଅବଧି କାହା ପୂର୍ବରୁ ନୁହେଁ ଏବଂ କ'ଣ ହେବା ଆବଶ୍ୟକ ନିର୍ଦ୍ଧାରଣ କରିବା ଉଚିତ୍ । ତେଣୁ ଏହି ମାମଲାରେ, ମୂଳ ଆଦେଶରେ ହିଁ ଅଟକ ରଖିବାର ଅବଧି ନିର୍ଦ୍ଧାରଣ କରାଯିବା ଆଇନର ଯୋଜନା ବିରୁଦ୍ଧରେ ଥିଲା ଏବଂ ଏହାକୁ ସମର୍ଥନ କରାଯାଇପାରିବ ନାହିଁ । କିନ୍ତୁ ମାନ୍ୟବର ଆଡଭୋକେଟ୍ ଜେନେରାଲ୍ ଅନୁରୋଧ କରିଥିଲେ ଯେ, ଧାରା 11 (2) ରେ ଥିବା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଯଦି ଉପଦେଷ୍ଟା ବୋର୍ଡ ରିପୋର୍ଟ କରେ ଯେ ଅଟକ ରଖିବା ପାଇଁ କୌଣସି ଯଥେଷ୍ଟ କାରଣ ନାହିଁ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ମୁକ୍ତ କରାଯିବ ଓ ଆବେଦନକାରୀଙ୍କୁ ମାର୍ଚ୍ଚ 31, 1952 ପର୍ଯ୍ୟନ୍ତ ଅଟକ ରଖାଯିବା ପାଇଁ ଜୁଲାଇ 30, 1951 ର ଆଦେଶକୁ କେବଳ ଉଦବୃତ୍ତ ଭାବରେ ଅଣଦେଖା କରାଯାଇପାରିବ । ଆମେ ଏହି ମତକୁ ଗ୍ରହଣ କରିପାରିବୁ ନାହିଁ । ଏହା ସ୍ୱଷ୍ଟ ଯେ ଯେତେବେଳେ ଉପଦେଷ୍ଟା ମଣ୍ଡଳୀ ସମ୍ମୁଖରେ ଏହାକୁ ରଖାଯିବ, ଏପରି ଏକ ନିର୍ଦ୍ଦେଶ ଆବେଦନକାରୀଙ୍କ ମାମଲାର ନିରପେକ୍ଷ ବିଚାରକୁ ପ୍ରତିକୂଳ ଭାବେ ପ୍ରଭାବିତ କରିବ । ଏହା ଉପରେ ବାରମ୍ବାର ଗୁରୁତ୍ୱ ଦିଆଯାଇପାରିବ ନାହିଁ ଯେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରିବା ପୂର୍ବରୁ ଆଇନ ଦ୍ୱାରା ସ୍ଥାପିତ ପ୍ରକ୍ରିୟାକୁ କଡ଼ାକଡ଼ି ଭାବରେ ପାଳନ କରାଯିବା ଆବଶ୍ୟକ ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ଅସୁବିଧାକୁ ଧ୍ୟାନ ଦେବାରୁ ବିଚ୍ୟୁତ ହେବା ଅନୁଚିତ୍ ।

*ଆବେଦନକୁ ଅନୁମତି ଦିଆଗଲା ।*

1651

ମାଖନ ସିଂହ ତାରସିକ୍କା
ବନାମ
ପଞ୍ଜାବ ରାଜ୍ୟ

ପ୍ରଧାନ ନ୍ୟାୟାଧୀଶ
ପତଞ୍ଜଳି

ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି: *ପି. ଏ. ମେହେଟ୍ଟା ।*

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ  କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ